ସେ କହିଲେ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୯ ମେ ୨୦୧୯ ବୁଧବାର
ଓଡ଼ିଶା ଏକ୍ସପ୍ରେସ୍

■ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ରାହୁଲଙ୍କ ପାଇଁ ଆତ୍ମଘାତୀ : ଲାଲୁ ଯାଦବ

■ ମୁଁ ନୁହେଁ, ମୋଦୀ ମନ୍ତ୍ରୀମଣ୍ଡଳରେ ବାପା ହେବେ ମନ୍ତ୍ରୀ : ଚିରାଗ୍ ପାଶ୍ୱାନ

ଥାନା ଛାତରୁ ଡେଇଁ ଯୁବକର ଜୀବନ ଗଲା

ସୁବର୍ଣ୍ଣପୁର, ୨୮।୫ : ଏକ୍ସପ୍ରେସ୍ ନ୍ୟୁଜ୍

ଥାନାର ଉପର ମହଲାରୁ ତଳକୁ ଡେଇଁ ପଡ଼ିଲେ ଜଣେ ଯୁବକ । ଯାହାଙ୍କୁ ତହସିଲ ଅଫିସରେ ପାଟିତୁଣ୍ଡ କରିବା ଅଭିଯୋଗରେ ଅଟକ ରଖିଥିଲା ପୋଲିସ । ଆଜି ଏପରି ଘଟଣା ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନାରେ ଘଟିଛି । ବୀରମହାରାଜପୁର ବ୍ଲକ୍ ଚିଠିପାଲି ଗାଁର ଲିଙ୍ଗ ଅମାତ ଆଜି ତହସିଲ ଅଫିସରେ ପଶି ପାଟିତୁଣ୍ଡ କରୁଥିଲେ । ଏ ସମ୍ପର୍କରେ ତହସିଲ୍ ପକ୍ଷରୁ ଥାନାକୁ ଖବର ଦିଆଯାଇଥିଲା । ଖବର ପାଇ ପୋଲିସ ତହସିଲ ଅଫିସରେ ପହଞ୍ଚି ଲିଙ୍ଗଙ୍କୁ କାବୁ କରି ଥାନାକୁ ନେଇଥିଲେ । ଥାନାରେ ପହଞ୍ଚିବା ପରେ ସେ ଉପର ମହଲାକୁ ଚଢ଼ିଯାଇ ତଳକୁ ଡେଇଁ ପଡ଼ିଥିଲେ । ଫଳରେ ସେ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ସଙ୍ଗେ ସଙ୍ଗେ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚୁର୍ଲା ମେଡିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତହସିଲ ଅଫିସରେ ଲିଙ୍ଗ କଣ ପାଇଁ ପାଟିତୁଣ୍ଡ କରୁଥିଲେ, ତାହା ଜଣାପଡ଼ି ନାହିଁ । ଏନେଇ ଲିଙ୍ଗ କିମ୍ବା ତାଙ୍କ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

ନକଲି ମୁଦ୍ରା ସହ ଉରି ଅଞ୍ଚଳରୁ ଓଡ଼ିଆ ଯୁବକ ଗିରଫ

ଶ୍ରୀନଗର, ୨୮।୫ : ଏକ୍ସପ୍ରେସ୍ ନ୍ୟୁଜ୍

ଜାମ୍ମୁ-କଶ୍ମୀର ବାରମୁଲ୍ଲାର ଉରି ଅଞ୍ଚଳରୁ ଜଣେ ଓଡ଼ିଆ ଯୁବକ ଗିରଫ ହୋଇଛି । ଗିରଫ ଓଡ଼ିଆ ଯୁବକ ଠାରୁ ନେପାଳର ୧୨୬ଟି ମୁଦ୍ରା ଓ ହଜାରେ ନୋଟ ସହ ଭାରତୀୟ ସେନା ଗିରଫ କରିଛି । ଗିରଫ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲା କୁଳିଗାଁର ଦୁର୍ଯ୍ୟୋଧନ ମହାରାଜ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ଦୁର୍ଯ୍ୟୋଧନ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ସମୟରେ ସ୍ଥାନୀୟ ଆର୍ମି ୟୁନିଟ ଦ୍ୱାରା ଧରାପଡ଼ିଥିଲା । ଏହାପରେ ଆଗମୀ ଯାଞ୍ଚ ପାଇଁ ଉରି ପୋଲିସକୁ ଦୁର୍ଯ୍ୟୋଧନକୁ ହସ୍ତାନ୍ତର କରାଯାଇଥିଲା ।

ବିଜେଡି ଇସ୍ତାହାର ସରକାରଙ୍କ ଏଜେଣ୍ଡା ଭାବେ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର, ୨୮।୫ : ତଥ୍ୟ

ବିଜୁ ଜନତା ଦଳ ଜାରି କରିଥିବା ନିର୍ବାଚନୀ ଇସ୍ତାହାରକୁ ଆସନ୍ତା ୫ବର୍ଷ ପାଇଁ ସରକାରଙ୍କ ଏଜେଣ୍ଡା ଭାବେ କାର୍ଯ୍ୟକାରୀ ହେବ । ଦଳୀୟ ମହଲରୁ ଏଭଳି ସୂଚନା ମିଳୁଛି ।

୨୦୧୪ ମସିହାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିର ଦଳୀୟ ଇସ୍ତାହାରକୁ ସରକାରଙ୍କ ଏଜେଣ୍ଡା ଭାବେ ଗ୍ରହଣ କରୁଥିବାବେଳେ ରାଜ୍ୟ ସରକାର ଏହା ଉପରେ ଉତ୍ତମ ପ୍ରଦର୍ଶନ କରୁଛନ୍ତି । ଏହାର ସୁଫଳ ବି ଚଳିତ ନିର୍ବାଚନରେ ବିଜେଡିକୁ ମିଳିଛି । ୧୪୬ଟି ଆସନରେ ହୋଇଥିବା ନିର୍ବାଚନରେ ବିଜେଡି ୧୧୨ ଆସନ ପାଇଥିବାବେଳେ ପୁଣିଥରେ ଅନୁରୂପ ଭାବେ ଦଳୀୟ ଇସ୍ତାହାରକୁ ଏଜେଣ୍ଡା ଭାବେ ଗ୍ରହଣ କରିବାର ସୂଚନା ମିଳୁଛି ।

୨୯ ତାରିଖ ପୂର୍ବାହ୍ଣରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ପରେ ଅପରାହ୍ଣରେ ମନ୍ତ୍ରୀପରିଷଦ ବୈଠକ ଅନୁଷ୍ଠିତ ହେବା ସହିତ ରାଜ୍ୟ ପାଇଁ ନୂଆ ସରକାରଙ୍କ ରୋଡମ୍ୟାପ ପ୍ରସ୍ତୁତ ହେବ । ମିଳିଥିବା ସୂଚନା ଅନୁଯାୟୀ ନୂତନ ରୋଡମ୍ୟାପ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାବେଳେ ମନ୍ତ୍ରୀ ପରିଷଦ ବୈଠକରେ ଆଲୋଚନା ପରେ ଏହା ପାରିତ ହେବ ।

ନିର୍ବାଚନ ସମୟରେ ବିଜେଡି ପକ୍ଷରୁ ଜାରି ନିର୍ବାଚନୀ ଇସ୍ତାହାରକୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ମନ୍ତ୍ରୀପରିଷଦ ବୈଠକରେ ଗ୍ରହଣ କରାଯିବା ସହିତ ଆସନ୍ତା ୫ବର୍ଷ ପାଇଁ ସରକାରଙ୍କ ଏଜେଣ୍ଡା ଭାବେ କାର୍ଯ୍ୟକାରୀ ହେବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି । ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦିତ ହେବାପରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗକୁ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ଲାଗି କୁହାଯିବ ଯାହାକି ପରବର୍ତ୍ତୀ ୫ ବର୍ଷରେ କାର୍ଯ୍ୟକାରୀ ହେବ । ଏହି ସୂଚନା ଅନୁଯାୟୀ ଏଜେଣ୍ଡାର ସବୁଠାରୁ ଆଗରେ ରହିଛି କାଳିଆ ଯୋଜନାରେ ହିତାଧିକାରୀମାନଙ୍କୁ ଅର୍ଥ ପ୍ରଦାନ । କାଳିଆ ଯୋଜନା ବିଧାନସଭା ନିର୍ବାଚନ ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିବାବେଳେ ବିରୋଧିମାନେ ଏହାକୁ ଟଙ୍କା ବା ଯୋଜନା ବୋଲି କହିଥିଲେ । ହେଲେ ମୁଖ୍ୟମନ୍ତ୍ରୀ ଅନୁଭବ କରିଥିଲେ ଯେ, ଏହା ହେଉଛି ସଶକ୍ତିକରଣର ଏକ ମାଧ୍ୟମ ।

ନିର୍ବାଚନ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ କାଳିଆ ଯୋଜନାରେ ୪୦ଲକ୍ଷ ହିତାଧିକାରୀ ଉପକୃତ ହୋଇଥିବାବେଳେ ସରକାର ଗଠନର ପ୍ରଥମ ଦିନ ଆଉ ୨୫ଲକ୍ଷ ହିତାଧିକାରୀଙ୍କୁ ଦୁଇଟି କିସ୍ତିର ଅର୍ଥ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀଙ୍କ କାଳିଆ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ ଲାଗି ସରକାରୀ ସ୍ତରରେ ପ୍ରସ୍ତୁତି ସରିଥିବା ଜଣାଯାଇଛି । କାଳିଆ ପାଣ୍ଠିରେ ୧୮୦୦ କୋଟି ଟଙ୍କା ଗଚ୍ଛିତ ରହିଥିବାବେଳେ କୃଷକମାନଙ୍କୁ ଦୁଇଟି କିସ୍ତିର ଅର୍ଥ ପ୍ରଦାନ ଲାଗି କୌଣସି ସମସ୍ୟା ନଥିବା ଅଧିକାରୀମାନେ କହୁଛନ୍ତି ।

ସେହିଭଳି ନିର୍ବାଚନ ପ୍ରଚାର ସମୟରେ ବିଜେଡି ସରକାର ପଞ୍ଚମଥର ପାଇଁ କ୍ଷମତାକୁ ଆସିଲେ ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ୫୦୦୦ କୋଟି ଟଙ୍କାର ବ୍ୟବସାୟ ସରକାରୀ ସଂସ୍ଥା ଜରିଆରେ ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ପ୍ରତେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣର ବି ପ୍ରତିଶ୍ରୁତି ମିଳିଥିଲା ।

ଆଇସିସି ବିଶ୍ୱକପ୍ ୨୦୧୯: ପ୍ରଥମ ମ୍ୟାଚ୍‌ରୁ ଷ୍ଟେନ୍ ବିଦା

ଲଣ୍ଡନ, ୨୮।୫:ଏକ୍ସପ୍ରେସ୍ ନ୍ୟୁଜ୍

ଦକ୍ଷିଣ ଆଫ୍ରିକାର ପେସର୍ ଡେଲ୍ ଷ୍ଟେନ୍ ଇଂଲଣ୍ଡ ବିପକ୍ଷରେ ହେବାକୁ ଥିବା ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଦକ୍ଷିଣ ଆଫ୍ରିକାର କୋଚ୍ ଓଟିସ୍ ଗିବ୍‌ସନ୍ କହିଛନ୍ତି ଯେ ଏହି ପ୍ରମୁଖ ପେସର୍ କାନ୍ଧ ଯନ୍ତ୍ରଣାରୁ ପାଖାପାଖି ସୁସ୍ଥ ହେଲେଣି । ଗିବ୍‌ସନ୍‌ଙ୍କ ବିବୃତି ପରେ ଷ୍ଟେନ୍ ପ୍ରଥମ ମ୍ୟାଚ୍ ଖେଳିବାନେଇ ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି, ତେବେ ଏହି ୩୫ବର୍ଷୀୟ ଦ୍ରୁତବୋଲର୍ ଏଯାବତ ପୂର୍ଣ୍ଣ ଫିଟ୍‌ନେସ୍ ହାସଲ କରିନାହାନ୍ତି ।ଟେଷ୍ଟ କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକାର ସବୁଠାରୁ ସଫଳ ପେସର୍ ଷ୍ଟେନ୍ ଇଣ୍ଡିଆନ୍ ପ୍ରିମିଅର୍ ଲିଗ୍‌ରେ ଖେଳିବା ସମୟରେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଗିବ୍‌ସନ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଷ୍ଟେନ୍ ପ୍ରତିଦିନ ପୂର୍ଣ୍ଣ ଫିଟ୍‌ନେସ୍ ହାସଲର ନିକଟତର ହେଉଛନ୍ତି। ଆମର ଆଶା ଅଛି ଯେ ରବିବାର (ବାଂଲାଦେଶ ବିପକ୍ଷ) ମ୍ୟାଚ୍‌ରେ ନ ହେଲେ ବି ଭାରତ ବିପକ୍ଷ (ଜୁନ୍ ୫) ମ୍ୟାଚ୍ ପାଇଁ ସେ ପ୍ରସ୍ତୁତ ହେବେ।

ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଗୁରୁବାର ଦ ଓଭାଲ୍ ଠାରେ ଖେଳାଯିବ।

ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ରାହୁଲଙ୍କ ପାଇଁ ଆତ୍ମଘାତୀ ହେବ : ଲାଲୁ

ନୂଆଦିଲ୍ଲୀ, ୨୮।୫ : ଏକ୍ସପ୍ରେସ୍ ନ୍ୟୁଜ୍

୨୦୧୯ ଲୋକସଭା ନିର୍ବାଚନ ଫଳାଫଳ ଆସିବା ପରେ କଂଗ୍ରେସର ଶୋଚନୀୟ ପରାଜୟ ନେଇ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଇସ୍ତଫା ଦାବିରେ ଅଟଳ ଥିବା ଜଣାପଡ଼ିଛି । ରାହୁଲଙ୍କ ଏହି ନିଷ୍ପତ୍ତିକୁ ରାଷ୍ଟ୍ରୀୟ ଜନତା ଦଳ ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ନାପସନ୍ଦ କରିବା ସହ ଏହା ଆତ୍ମଘାତୀ ହେବ ବୋଲି କହିଛନ୍ତି । ସେ ଟ୍ୱିଟ୍ କରି କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ଇସ୍ତଫା ବିଜେପି ପାର୍ଟିର ଷଡ଼ଯନ୍ତ୍ରରେ ଫସିବା ଭଳି ହେବ ବୋଲି କହିଛନ୍ତି । ସେ କହିଛନ୍ତି ଯେ, ରାହୁଲଙ୍କ ଅଧ୍ୟକ୍ଷ ପଦ ଛାଡ଼ିବା ପ୍ରସ୍ତାବ ନା କେବଳ ତାଙ୍କ ପାର୍ଟି ପାଇଁ ଆତ୍ମଘାତୀ ହେବ, ବରଂ ସେହି ସମସ୍ତ ସାମାଜିକ ଓ ରାଜନୈତିକ ଶକ୍ତି ପାଇଁ ମଧ୍ୟ ଝଟ୍‌କା ହେବ ଯେଉଁମାନେ ସଂଘ ପରିବାର ବିରୋଧରେ ଲଢ଼େଇ କରିଛନ୍ତି ।

ନିର୍ଯ୍ୟାତନା ଅଭିଯୋଗ : ଚାରି ଜଣଙ୍କ ନାମରେ ମାମଲା ରଜୁ

ଭଣ୍ଡାରିପୋଖରୀ, ୨୮।୫: ଏକ୍ସପ୍ରେସ୍ ନ୍ୟୁଜ୍

ଭଣ୍ଡାରିପୋଖରୀ ଥାନା ପାଟୁଳୀ ପଞ୍ଚାୟତ ପାଳସାହି ଗ୍ରାମରେ ଯୌତୁକ ନିର୍ଯ୍ୟାତନା ଅଭିଯୋଗରେ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ମଳାଶୁରଙ୍କ ନାମରେ ମାମଲା ରଜୁ ହୋଇଛି । ବାସୁଦେବପୁର ପଢୁଆ ଗ୍ରାମର ରମେଶ ଦାସଙ୍କ ଝିଅ ସଞ୍ଜୁଲତା ଦାସ ପାଞ୍ଚବର୍ଷ ପୂର୍ବରୁ ପାଳସାହି ଗ୍ରାମର ଚିନ୍ମୟ ଦାସଙ୍କୁ ବୈଦିକ ରୀତିରେ ଆବଶ୍ୟକ ଯାନି ଯୌତୁକ ସହ ବିବାହ କରିଥିଲେ । ବିବାହ ପରେ ପତି ପତ୍ନୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡା ହୋଇ ଥାନାରେ ମାମଲା ହୋଇଥିଲା । ପରେ ବନ୍ଧୁବାନ୍ଧବଙ୍କ ମଧ୍ୟସ୍ଥତାରେ ଆପୋଷ ବୁଝାମଣା ହୋଇ ଠିକ ଠାକ ଚାଲିଥିଲା । ଗତ ୨୪ ତାରିଖ ରାତ୍ରରେ ସଞ୍ଜୁଲତାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ମାରଧର କରିବା ସହ ଜୀବନରୁ ମାରିଦେବାକୁ ଧମକାଇଥିଲେ । ଏ ସମ୍ପର୍କର ସଞ୍ଜୁଲତା ଗତ ୨୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ । ଥାନାରେ ୮୭/୧୯ନଂ ମାମଲା ରଜୁ ହୋଇ ସ୍ୱାମୀ ଚିନ୍ମୟ ଦାସ, ଶ୍ୱଶୁର ଚିତ୍ତରଞ୍ଜନ ଦାସ, ଶାଶୁ ଭଗବତୀ ଦାସ, ମଳାଶୁର ଅଧର କୁମାର ପାଲଙ୍କ ନାମରେ ରଜୁ କରିଛି ।

ସମ୍ପତ୍ତି ହଡ଼ପ ଉଦ୍ୟମ : ୨ଗିରଫ

ଭଦ୍ରକ, ୨୮।୫: ଏକ୍ସପ୍ରେସ୍ ନ୍ୟୁଜ୍

ଚଞ୍ଚକତା କରି ସମସ୍ତ ପୈତୃକ ସମ୍ପତ୍ତି ହଡ଼ପ ଉଦ୍ୟମ ଅଭିଯୋଗରେ ଟାଉନ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ ଅଭିଯୋଗକାରୀଙ୍କ ଭାଇ ଦିନେଶ ଗୁପ୍ତା ଓ ତାଙ୍କ ସହଯୋଗୀ ଜୀବନ ଗୁପ୍ତା। ଭଦ୍ରକ ସହରାଞ୍ଚଳ ଥାନା ଅଧିନସ୍ଥ ଗବସାହି ଗ୍ରାମର ସୁରେଶ ଚନ୍ଦ୍ର ଗୁପ୍ତାଙ୍କ ଅଭିଯୋଗ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ମଇତାପୁର ଠାରେ ତାଙ୍କର ଏକ ଚେନ୍ ଫ୍ୟାକ୍ଟ୍ରୀ ରହିଛି। ଏହି ଫ୍ୟାକ୍ଟ୍ରୀରେ ତାଙ୍କ ଭାଇ ଦିନେଶ ଏମଡ଼ି ଥିବାବେଳେ, ସେ ତାଙ୍କ ପତ୍ନୀ ଓ ଅନ୍ୟ ୨ଭାଇଙ୍କ ସମେତ ସେମାନଙ୍କ ପତ୍ନୀ ନିର୍ଦ୍ଦେଶକ ଅଛନ୍ତି। କିନ୍ତୁ ଉକ୍ତ ଫ୍ୟାକ୍ଟ୍ରୀକୁ ନେଇ ଉଭୟ ଭାଇଙ୍କ ମଧ୍ୟରେ ମତାନ୍ତର ଦେଖା ଦେଇଥିଲା। ତେଣୁ ଏହାର ସମାଧାନ ପାଇଁ ସେ ମାରୱାଡ଼ି ବୈଶ୍ୟ ସଭାକୁ ଅବଗତ କରିଥିଲେ। ମାତ୍ର ଦିନେଶ ସଭାର ନିଷ୍ପତ୍ତିକୁ ମାନିନଥିଲେ। ପରବର୍ତ୍ତୀ ସମୟରେ ସେ ହାର୍ଟ ଅପରେସନ ପାଇଁ ଚେନ୍ନାଇ ଯାଇଥିଲେ। ଏହାର ସୁଯୋଗରେ ଦିନେଶ ତାଙ୍କର ଜିଓ ସିମ, ଇ-ମେଲ ଆଇଡ଼ି, ଜିଏସଟି ପୋର୍ଟାଲକୁ ହ୍ୟାକ୍ କରି ସମସ୍ତ ସମ୍ପତ୍ତି ନିଜ ନାମରେ କରିନେବାକୁ ଉଦ୍ୟମ କରିଥିଲେ। ଚେନ୍ନାଇରୁ ସୁସ୍ଥ ହୋଇ ଫେରିବା ପରେ ସେ ସମସ୍ତ ବିଷୟ ଅବଗତ ହୋଇ ଟାଉନ ଥାନାରେ ଉପସ୍ଥିତ ହୋଇ ଆଇଆଇସିଙ୍କ ସମ୍ମୁଖରେ ମୌଖିକ ବୟାନ ରଖିଥିଲେ। ଗିରଫ ୨ବ୍ୟକ୍ତିଙ୍କ ବ୍ୟତୀତ ଦିନେଶଙ୍କ ପତ୍ନୀ କିର୍ତ୍ତୀ ଦିନେଶ ଗୁପ୍ତା, ପୁଅ ବିଶେଶ ଓ ଧାମନଗର ଠାରେ ଥିବା ଜିଓ ଡ଼ିଲର ମନୋଜ ଗୁପ୍ତା ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା କହିଛନ୍ତି। ଅଭିଯୋଗର ତଦନ୍ତ କରି ପୁଲିସ ଦିନେଶ ଓ ତା' ସହଯୋଗୀ ଜୀବନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଫ୍ରେଞ୍ଚ ଓପନ୍ ଟେନିସ୍ : ଦ୍ୱିତୀୟ ରାଉଣ୍ଡରେ ଡେଲ୍ ପୋଟ୍ରୋ

ପ୍ୟାରିସ, ୨୮।୫:ଏକ୍ସପ୍ରେସ୍ ନ୍ୟୁଜ୍

ଅଷ୍ଟମ ସିଡ୍ ଜୁଆନ୍ ମାର୍ଟିନ ଡେଲ୍ ପୋଟ୍ରୋ ଅଲ୍-ସାଉଥ୍ ଆମେରିକାନ୍ ଲଢ଼େଇରେ ନିକୋଲାସ୍ ଜାରୀଙ୍କୁ ହରାଇ ମଙ୍ଗଳବାର ଫ୍ରେଞ୍ଚ ଓପନ୍ ପୁରୁଷ ଏକକ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ପଞ୍ଚମ ସିଡ୍ ଆଲେକ୍‌ଜାଣ୍ଡର ଜ୍ୱାରେଭ୍ ବିପର୍ଯ୍ୟୟରୁ ବି ପରିବର୍ତ୍ତୀ ପର୍ଯ୍ୟାୟରେ ସ୍ଥାନ ପାଇଛନ୍ତି। ମହିଳା ଏକକରେ ପୂର୍ବତନ ବିଜୟିନୀ ଜେଲେନା ଓସ୍ତାପେଙ୍କୋ କ୍ରମାଗତ ଦ୍ୱିତୀୟ ଥର ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି।

ଗତବର୍ଷ ସେମିଫାଇନାଲ୍‌ରେ ସ୍ଥାନ ପାଇଥିବା ଆର୍ଜେନାର ଡେଲ୍ ପୋଟ୍ରୋ ୩-୬, ୬-୨, ୬-୧, ୬-୪ ସେଟ୍‌ରେ ଜାରୀଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଚାରି ଘାରୁ ଟିକେ ଅଧିକ ସମୟ ଚାଲିଥିଲା। ବିଶ୍ୱର ୫୮ତମ ମାନ୍ୟତାଧାରୀ ଚିଲିର ଜାରୀ ଗତ ସପ୍ତାହରେ ଜେନିଭା ଠାରେ ଫାଇନାଲିଷ୍ଟ ଥିଲେ। ଖେଳର ଆଦ୍ୟଭାଗରେ ପବନ ଓ ସାମାନ୍ୟ ବର୍ଷା ପରିସ୍ଥିତିକୁ କଠିନ କରିଦେଇଥିଲା। ଡେଲ୍ ପୋଟ୍ରୋ ନିଜ ଦେଶର ଫେଡେରିକୋ ଡେଲ୍‌ବେନିସ୍‌ଙ୍କ ସହିତ ଦ୍ୱିତୀୟ ପର୍ଯ୍ୟାୟରେ ଯୋଗ ଦେଇଛନ୍ତି, ଯିଏ କି ସ୍ପେନ୍‌ର ଗୁଲେର୍ମୋ ଗାର୍ସିଆ-ଲୋପେଜ୍‌ଙ୍କୁ ମାତ୍ ଦେଇଥିଲେ। ସେ ପରବର୍ତ୍ତୀ ପର୍ଯ୍ୟାୟରେ ଜାପାନ୍‌ର ୟୋଶିହିତୋ ନିଶିଓକାଙ୍କ ଆହ୍ୱାନର ସମ୍ମୁଖୀନ ହେବେ। ନିଶିଓକା ଆମେରିକାର ମାକେନ୍‌ଜୀ ମ୍ୟାକ୍‌ଡୋନାଲ୍ଡଙ୍କୁ ପା* ସେଟ୍ ଧରି ଚାଲିଥିବା ମୁକାବିଲାରେ ହରାଇଥିଲେ।

୨୨ବର୍ଷୀୟ ଜର୍ମାନ୍ ଜ୍ୱେରେଭ୍ ୭-୬ (୭/୪), ୬-୩, ୨-୬, ୬-୭ (୫/୭), ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲ୍‌ମ୍ୟାନ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଚାରି ଘା ୧୧ ମିନିଟ୍ ଧରି ଚାଲିଥିଲା, ଯାହାକି ଚଳିତ ସଂସ୍କରଣର ଏଯାବତ ସବୁଠାରୁ ଲମ୍ବା ମ୍ୟାଚ୍ ଥିଲା। ଜ୍ୱେରେଭ୍ ପରବର୍ତ୍ତୀ ମ୍ୟାଚ୍‌ରେ ସ୍ୱିଡିଶ୍ କ୍ୱାଲିଫାୟର୍ ମାଇକେଲ୍ ୟମେରଙ୍କୁ ଭେଟିବେ।

ମହିଳା ଏକକ ପ୍ରଥମ ପର୍ଯ୍ୟାୟରେ ୨୦୧୭ ବିଜୟିନୀ ଲାଟ୍‌ଭିଆର ଓସ୍ତାପେଙ୍କୋଙ୍କୁ ପୂର୍ବତନ ଏକ ନମ୍ବର ଖେଳାଳି ଭିକ୍ଟୋରିଆ ଆଜାରେଙ୍କାଙ୍କ ଠାରୁ ୬-୪, ୭-୬ (୪) ସେଟ୍‌ରେ ପରାଜିତ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଜି ନବୀନ ଶପଥ...

କରିଛନ୍ତି । ସୂଚନାଯୋଗ୍ୟ ଦିଗପହଣ୍ଡି ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ଚଳିତ ବିଧାନସଭାରେ ବାଚସ୍ପତି ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ପ୍ରମିଳା ମଲ୍ଲିକଙ୍କୁ ସରକାରୀ ଦଳର ମୁଖ୍ୟ ସଚେତକ ପଦ ମିଳିପାରେ ବୋଲି ଆଲୋଚନା ହେଉଛି । ବୁଧବାର ଅପରାହ୍ଣ ସାଢ଼େ ୫ଟାରେ ମନ୍ତ୍ରିପରିଷଦ ବୈଠକ ବସିବା ନେଇ ମଧ୍ୟ ସୂଚନା ମିଳିଛି ।

ବାତ୍ୟା ପୁନରୁଦ୍ଧାର...

ପକ୍ଷରୁ ରାଜ୍ୟ ସରକାରଙ୍କ ସହାୟତାରେ ପ୍ରଭାବିତ ଅଞ୍ଚଳରେ ଭିତ୍ତିଭୂମି, ଶକ୍ତି, ଯୋଗାଯୋଗ, କୃଷି, ମତ୍ସ୍ୟ ଏବଂ ପଶୁସମ୍ପଦ, ଗୃହନିର୍ମାଣ, ଜୀବିକା ପ୍ରକଳ୍ପ, ପରିମଳ, ସ୍ୱାସ୍ଥ୍ୟ, ଐତିହ୍ୟ ଏବଂ ପରିବେଶର କିଭଳି କ୍ଷତି ହୋଇଛି ତାହାର ଆକଳନ କରାଯାଉଛି । ଏଭଳି ଆକଳନ ଦ୍ୱାରା ବାତ୍ୟା ପରବର୍ତ୍ତୀ ସ୍ଥିତିରେ ସମ୍ପୃକ୍ତ ଅଞ୍ଚଳରେ ବିକାଶ କାର୍ଯ୍ୟ ହୋଇପାରିବ ବୋଲି ଅଧିକାରୀମାନେ ଆଶା କରୁଛନ୍ତି । ଜୁନ୍ ୩ ତାରିଖ ସୁଦ୍ଧାର ପ୍ରାଥମିକ ଆକଳନ ମିଳିବା ପରେ ରାଜ୍ୟ ସରକାର ସମୟୋଚିତ କାର୍ଯ୍ୟ ହାତକୁ ନେଇପାରିବେ । ବାତ୍ୟା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଆଗୁଆ ସୂଚନା ପ୍ରଦାନ ବ୍ୟବସ୍ଥାକୁ ପ୍ରାଥମିକତା ଭିତ୍ତିରେ ମରାମତି ଲାଗି ସ୍ଥିର ହୋଇଛି ଯାହାକି ଉଭୟ ଜନସାଧାରଣ ଓ ସରକାରଙ୍କୁ ବେଶ ସହାୟକ ହୋଇଥିଲା । ଏହି ବ୍ୟବସ୍ଥା ମାଧ୍ୟମରେ ବାତ୍ୟା ପ୍ରଭାବିତ ଜିଲ୍ଲାରେ ଜନସାଧାରଣଙ୍କୁ ୫କୋଟି ଏସ୍‌ଏମ୍‌ଏସ୍ ପଠାଇ ସତର୍କ କରାଯାଇ ପାରିଥିଲା ।